# ତୁଳସୀ

ତୁଳସୀ ର ବ୍ୟବସାୟିକ ଚାଷ ପ୍ରାୟ ତୈଳଉତ୍ପାଦନ ନିମନ୍ତେ କରାଯାଇଥାଏ | ଏହାର ଚାଷ ଭାରତର ବିଭିନ୍ନ ଅଞ୍ଚଳରେ ବହୁପରିମାଣରେ କରାଯାଉଅଛି | ଭାରତରେ ତୁଳସି ଗଛର  ଧାର୍ମିକ ଓ ଔଷଧୀୟ ମହତ୍ୱ ହେତୁ ଏହାକୁ ବିଭିନ୍ନ ରାଜ୍ୟରେ ବିଭିନ୍ନ ନାମରେ ନାମିତ | ବିଶ୍ୱରେ ୧୫୦ ରୁ ଅଧିକ ପ୍ରଜାତିର ତୁଳସି ଦେଖିବାକୁ ମିଳିଥାଏ, ସେଥିମଧ୍ୟରୁ କଳାତୁଳସି ର ମହତ୍ୱ ଅଧିକ କାରଣ ଏଥିରେ ଅଧିକ ଔଷଧୀୟ ଗୁଣ ରହିଥିବା ହେତୁ ପାରମ୍ପରିକ ଚିକିତ୍ସା ଓ ଆୟୁର୍ବେଦ ଚିକିତ୍ସାରେ ଏହାର ମହତ୍ୱ ଅଧିକ | ଏଥିରେ ବିଭିନ୍ନ ପ୍ରକାର କାଶଔଷଧି, ସାବୁନ, ସାମ୍ପୁ ଓ ଜୁସ ପ୍ରସ୍ତୁତ କରାଯାଉଅଛି , ତେଣୁ ବର୍ତମାନ ସ୍ଥିତିରେ ତୁଳସିରେ ଆବଶ୍ୟକତା ଓ ବଜାର ଚାହିଦା ରହିଅଛି | ବ୍ୟବସାୟିକ ଭିତ୍ତିରେ ଚାଷୀ ମାନେ ଏହାର ଚାଷ କରିଲେ ଅଧିକ ଉପକୃତ ହେବେ |

## ଚାଷ ପ୍ରଣାଳୀ:

### ଜଳବାୟୁ ଓ ମୃର୍ତ୍ତିକା:

ଏହାର ଚାଷ ନିମନ୍ତେ ଉଷ୍ଣକଟୀବନ୍ଧିୟ ଓ କଟୀବନ୍ଧିୟ ଜଳବାୟୁ ଉପଯୁକ୍ତ | ନିଗିଡ଼ା ବାଲିଆ-ଦୋରସା ମାଟିରେ ଏହା ଭଲ ଅମଳ ହୋଇଥାଏ |

### ନର୍ସରୀ ପ୍ରସ୍ତୁତି:

ଏକ ହେକ୍ଟର ଜମି ଚାଷ ନିମନ୍ତେ ପ୍ରାୟ ୩୦୦ ଗ୍ରାମ ମଞ୍ଜି ଆବଶ୍ୟକ ପଡିଥାଏ | ଏହାର ଚାରା ମଞ୍ଜି ମାଧ୍ୟମ ରେ କରାଯାଇଥାଏ | ଫେବୃଆରୀ ଓ ମାର୍ଚ୍ଚ ମାସରେ ମଞ୍ଜି ଗୁଡିକୁ ପୂର୍ବରୁ ପ୍ରସ୍ତୁତ ପଲିଥିନ ବ୍ୟାଗ ରେ ରୋପଣ କରାଯାଏ, ପରେ ସାମାନ୍ୟ ଜଳସେଚନ ଦରକାର | ପରେ ପରେ ଦିନକୁ ଦୁଇଥର ଜଳଛିଞ୍ଚନ କରିବା ଦରକାର | ପ୍ରାୟ ୬୦-୭୦ ଦିନମଧ୍ୟରେ ଚାରା ଗୁଡିକ ମୁଖ୍ୟ କ୍ଷେତରେ ରୋପଣ ନିମନ୍ତେ ଉପଯୁକ୍ତ ହୋଇଯାଇଥାଏ |

### ମୁଖ୍ୟ କ୍ଷେତ ପ୍ରସ୍ତୁତି:

ତୁଳସୀ ର ଉତ୍ତମ ବୃଦ୍ଧି ନିମନ୍ତେ କ୍ଷେତ କୁ ଭଲଭାବରେ ପ୍ରସ୍ତୁତି କରିବା ନିତ୍ୟାନ୍ତ ଆବଶ୍ୟକ | ମେ ମାସରେ କ୍ଷେତ କୁ ୨-୩ ଓର ଗଭୀର ହଳ କରି ମାଟି ଖରା ଖାଇବାକୁ ଛାଡ଼ିଦେବା ଦରକାର | ପ୍ରଥମ ବର୍ଷା ହେଲା ପରେ କ୍ଷେତରେ ୧୫ ଟନ ଶଢା ଗୋବର ଖତ, ୧୦୦ କିଲୋଗ୍ରାମ ଜିଆଖତ ଓ ୪୦ କିଲୋଗ୍ରାମ ପାଟଶ ମିଶାଇ ହଳ କରି ଜମି ସମତୁଲ କରିବାକୁ ହେବ |

### ଚାରା ରୋପଣ:

ଜୁଲାଇ ମାସ ମଧ୍ୟ ଭାଗରେ ମୁଖ୍ୟ କ୍ଷେତରେ ଚାରା କୁ ଚାରା ରୋପଣ କରିବା ଉଚିତ | ଏହାର ରୋପଣ ଉପରବେଳା ସମୟରେ କରିଲେ ଚାରା ଗୁଡିକ ନଷ୍ଟ ହୋଇନଥାଏ | ଚାରା କୁ ଚାରା ୪୦ ସେ.ମି. ଓ ଧାଡ଼ି କି ଧାଡି ୫୦ସେ.ମି. ଅନ୍ତରରେ ଚାରା ରୋପଣ କରିବାକୁ ହେବ | ରୋପଣ ପରେ ପରେ ଜଳ ଛିଞ୍ଚନ ନିତ୍ୟାନ୍ତ ଜରୁରୀ |

### ଜଳସେଚନ:

ଜଳସେଚନ କ୍ଷେତ୍ର ଆଦ୍ରତା ଉପରେ ନିର୍ଭର କରେ | ସାଧାରଣତଃ ଖରାଦିନେ ମାସକୁ ୩ ଥର ଜଳସେଚନ ଦରକାର ପଡିଥାଏ ଓ ବର୍ଷ ଦିନରେ ଜଳସେଚନର ଆବଶ୍ୟକତା ପଡ଼ିନଥାଏ, କିନ୍ତୁ ଧ୍ୟାନ ଦେବା ଦରକାର କ୍ଷେତରେ ଯେପରି ପାଣି ଜମିକରି ନରୁହେ |

**ଘାସ ବାଛିବା:**

ପ୍ରତି ୩୦ ଦିନରେ ଥରେ ଘାସ ଓ ଅନାବନା ଗଛ ଗୁଡିକ କ୍ଷେତରୁ ସଫାକରିବା ଦରକାର କିନ୍ତୁ ଧ୍ୟାନ ଦେବା ଦରକାର ଯେପରି ମୁଖ୍ୟ ଫସଲ ଯେପରି ନଷ୍ଟ ନହୁଏ |

**ରୋଗ ଓ ପୋକ ନିରାକରଣ:**

ଯଦି କୌଣସି ରୋଗ ଓ ପୋକ ଆକ୍ରମଣକରେ ତେବେ ଆମେ ଜୈବିକ କୀଟନାଶକ ପ୍ରୟୋଗ କରିବା ଉଚିତ କାରଣ ରାସାୟନିକ କୀଟନାଶକ ପ୍ରୟୋଗ କରିଲେ ତୁଳସୀ ର ଔଷଧୀୟ ଗୁଣ ସହିତ ଏହାର ତୈଳାଂଶ ମଧ୍ୟ କମିଯାଏ | ୧ ଲିଟର ପାଣିରେ ୧୦ ମି.ଲି. ନିମ୍ବତେଲ ମିଶାଇ ପ୍ରୟୋଗ କରାଯାଏ କିମ୍ବା ଚିତ୍ରକମୂଳ , ଧାତୁର ପତ୍ର ଗୋମୂତ୍ରରେ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରିବାକୁ ହେବ | ଏହି ମିଶ୍ରଣ ୧୦ ମି. ଲି. ୧ ଲିଟର ପାଣିରେ ମିଶାଇ କ୍ଷେତରେ ପ୍ରୟୋଗ କରିଲେ ସମସ୍ତ ପ୍ରକାର ରୋଗ ପୋକ ନଷ୍ଟ ହୋଇଥାଏ |

**ଅମଳ:**

ଫସଲରେ ଫୁଲ ଆସିଯାଏ ଏବଂ ତଳ ପତ୍ରଗୁଡ଼ିକ ଝାଡ଼ିବା ଆରମ୍ଭ କରେ ସେତେବେଳେ ଏହା ଅମଳ କ୍ଷମ ହୋଇଥାଏ | ଚାରା ରୋପଣ ର ୯୦-୯୫ ଦିନ ମଧରେ ପ୍ରଥମ ଅମଳ ହୋଇଥାଏ ଏବଂ ପ୍ରତି ୬୫-୭୫ ଦିନ ଅନ୍ତରରେ ପୁନ୍ନ ଅମଳ କରାଯାଏ | ଏହା ୨ ୧/୨ ବର୍ଷ ପର୍ଯନ୍ତ ଅମଳ ହୋଇଥାଏ | ପ୍ରତି ହେକ୍ଟରରେ ୨ ୧/୨ ବର୍ଷ ମଧରେ ପ୍ରାୟ ୫ ଟନ ପତ୍ର ଅମଳ ହୋଇଥାଏ |